# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ ମାମଲା ସଂଖ୍ୟା- ୭୫ /୨୦୨୪

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ ଜିଲ୍ଲା ବିଚାରପତି, କେନ୍ଦୁଝର "ନୂତନ ଜିଲ୍ଲା କୋର୍ଟ କମ୍ପ୍ଲେକ୍ସ ସହିତ ଅନ୍ୟାନ୍ୟ ସୁବିଧାଗୁଡିକ ଗୋଟିଏ ଏକକରେ" ସ୍ଥାପନ କରିବା ନିମନ୍ତେ ଆବେଦନ କରିଛନ୍ତି। ଆବେଦନ କରିଥିବା ପ୍ଲଟ ଗୁଡିକର କିସମ ଘରବାରି-୧ ଓ ଶାରଦ-୨ ଥାଇ ରକ୍ଷିତ ଖାତାରେ ରହିଅଛି ।ଏହାର ଖାତା ଅନାବାଦି ଏବଂ କିସମ ଶାରଦା-୨ ରୁ ପତିତକୁ ପରିବର୍ତ୍ତନ କରାଯାଇ ,ଏହି ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ବିଚାର ବିଭାଗ (ନ୍ୟାୟିକ ବିଭାଗ), ଓଡିଶା ସରକାରଙ୍କ ନାମେ ବନ୍ଦୋବସ୍ତ କରାଯିବ ପାଇଁ ସ୍ଥିର ହୋଇଛି। ଉକ୍ତ ସରକାରୀ ଜମିକୁ ସେହି ଉଦ୍ଦେଶ୍ୟ ରେ ପରିବର୍ତ୍ତନ କରାଗଲେ, ଯଦି କୌଣସି ବ୍ୟକ୍ତି ବିଶେଷ/ ସଂପୃକ୍ତ ଗ୍ରାମବାସୀ/ ସଂପୃକ୍ତ ଗ୍ରାମ ପଞ୍ଚାୟତ/ ପୌରପାଳିକାଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତାହା ହେଲେ ସେ/ ସେମାନେ ଏହି ଇସ୍ତେହାର ପ୍ରକାଶନ ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଭିଯୋଗ ଲିଖିତ ଆକାରରେ ଟ ୨୦.୦୦ ଙ୍କା (କୋଡିଏ ଟଙ୍କା ) ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବ ନାହିଁ।

## ତଫସିଲ

### ମୌଜା- ଆଟ ଉପର- ବଡପୋଖରିତଲ ୟୁ.ନଂ- ୦୫

| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଖାତା ନଂ. | ପ୍ରସ୍ତାବିତ ପ୍ଲଟ ନଂ. | ପ୍ରସ୍ତାବିତ କିସମ | ପ୍ରସ୍ତାବିତ ରକବା (ଏକରରେ) |
|---|---|---|---|---|---|---|---|
| ୪୮୦ (ରକ୍ଷିତ) | ୧୧୯୯ | ଘରବାରି- ୧ | ୧.୭୭୦ | ୪୮୨ (ଅନାବାଦି) | ୧୧୯୯/୧ | ଘରବାରି- ୧ | ୦.୮୦୦ |
| | ୧୨୦୦ | ଘରବାରି- ୧ | ୧୩.୩୬୦ | | ୧୨୦୦/୧ | ଘରବାରି- ୧ | ୩.୩୮୦ |
| | ୧୨୨୫ | ଶାରଦ-୨ | ୦.୮୬୦ | | ୧୨୨୫ | ପତିତ | ୦.୮୬୦ |
| ମୋଟ: | ୩ଟି ପ୍ଲଟ | | ୧୫.୯୯୦ | | | | ୫.୦୪୦ |

TAHASILDAR
ତହସିଲଦାର,କେନ୍ଦୁଝର
KEONJHAR

ଏହାର ଏକକିତ ନକଲ ସଂପୃକ୍ତ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ଡାକବାଜି ଜନ୍ତ ଦ୍ୱାରା / ଅନ୍ୟ ଏକକିତା ନକଲ କେନ୍ଦୁଝର ପୌରପାଳିକା କାର୍ଯ୍ୟାଳୟ / ଅନ୍ୟ ଏକକିତା ନକଲ District Website: https://kendujhar.odisha.gov.in ରେ ପ୍ରକାଶନ ପାଇଁ ଗ୍ରାମ ଏବଂ ଅନ୍ୟ ଏକାକିତା ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

ତହସିଲଦାର,କେନ୍ଦୁଝର
TAHASILDAR
KEONJHAR

Scanned with OKEN Scanner